# NATIONAL NEWS BULLETIN (ODIA)

## 25 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ପୋପ୍ ଫ୍ରାନ୍ସିସ୍‌ଙ୍କର ଶେଷକୃତ୍ୟରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ଭାଟିକାନ୍ ସିଟି ଗସ୍ତ କରିବେ ରାଷ୍ଟ୍ରପତି ।
- ପହଲଗାଓଁ ସନ୍ତ୍ରାସବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟିର ନିଷ୍ପତ୍ତିକୁ ସମର୍ଥନ ଜଣାଇଲେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ।
- ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ଲାଗି ଆଜି ଜାମ୍ମୁକାଶ୍ମୀର ଗସ୍ତ କରିବେ ସ୍ଥଳ ସେନାଧ୍ୟକ୍ଷ ।
- ଆଇପିଏଲ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୧୧ ରନ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

ଏବଂ

- ଦ୍ୱିତୀୟ ଏସୀୟ ଯୋଗାସନ ଚାମ୍ପିୟନସିପ୍ ଆଜିଠାରୁ ଆରମ୍ଭ ହେଉଛି ନୂଆଦିଲ୍ଲୀରେ ।

# ପ୍ରେଜ୍-ଭାଟିକାନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୋପ୍ ଫ୍ରାନ୍ସିସ୍‌ଙ୍କର ଶେଷକୃତ୍ୟରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ଭାଟିକାନ୍ ସିଟି ଗସ୍ତ କରିବେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭାରତ ସରକାର ଏବଂ ଦେଶବାସୀଙ୍କ ପକ୍ଷରୁ ପୋପ୍‌ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ଆଜି ସେଣ୍ଟ ପିଟରସ୍ଥିତ ବାସିଲିକାଠାରେ ପୋପ୍‌ଙ୍କ ପାର୍ଥିବ ଶରୀର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଆସନ୍ତାକାଲି ହେବାକୁଥିବା ତାଙ୍କର ଶେଷକୃତ୍ୟରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ରାଷ୍ଟ୍ରପତି ଯୋଗଦେବେ ।

ଅନ୍ୟପକ୍ଷରେ ଆସନ୍ତାକାଲି ପୋପ୍‌ଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବା ପରିପ୍ରେକ୍ଷୀରେ ଭାରତରେ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି । ମନ୍ତ୍ରଣାଳୟ କହିଛି ଆସନ୍ତାକାଲି ଦେଶବ୍ୟାପୀ ଯେଉଁଠାରେ ନିୟମିତ ଭାବେ ଜାତୀୟ ପତାକା ଲାଗିଥାଏ ସେଠାରେ ଅର୍ଦ୍ଧନମିତ କରାଯିବ । ଏତଦ୍‌ବ୍ୟତୀତ ଆସନ୍ତାକାଲି କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ମନ୍ତ୍ରଣାଳୟ କହିଛି ।

# ପହଲଗାଓଁ-ଅଲ୍ ପାର୍ଟି ମିଟିଂ

ପହଲଗାଓଁ ସନ୍ତ୍ରାସବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ବିଭିନ୍ନ ଦଳର ନେତୃବୃନ୍ଦ ସମର୍ଥନ ଜଣାଇଛନ୍ତି । ଗତକାଲି ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବା ସହିତ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳମତ ନିର୍ବିଶେଷରେ ମତ ପ୍ରକାଶ ପାଇଛି । ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଏହି ସନ୍ତ୍ରାସବାଦୀ ଆକ୍ରମଣ ଘଟଣାରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ଦୋଷୀକୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରାଯାଇଛି । ଏ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିଭିନ୍ନ ଦଳର ନେତୃବୃନ୍ଦଙ୍କୁ ଅବଗତ କରାଇଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ଖୁବ୍‌ଶୀଘ୍ର ଏଥିରେ ସଂପୃକ୍ତ ଆକ୍ରମଣକାରୀ ଏବଂ ଷଡ଼୍‌ଯନ୍ତ୍ରକାରୀଙ୍କ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଶ୍ରୀ ସିଂହ ବୈଠକରେ କହିଛନ୍ତି । ଏହାଛଡା ଗୁଇନ୍ଦା ବିଭାଗ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ବିଭିନ୍ନ ଦଳର ନେତୃବୃନ୍ଦଙ୍କୁ ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ।

ଭବିଷ୍ୟତରେ ଅନୁରୂପ ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏହି ଅଧିକାରୀମାନେ କହିଛନ୍ତି ବୋଲି ଶ୍ରୀ ରିଜିଜୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି...

**V/O (KIREN-RIJJU)**

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ପହଲଗାଓଁ ସନ୍ତ୍ରାସବାଦୀ ଆକ୍ରମଣକୁ ସମସ୍ତ ରାଜନୈତିକ ଦଳ ପକ୍ଷରୁ ନିନ୍ଦା କରାଯାଇଛି । ଏହାଛଡା ଏ ଦିଗରେ ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା ସମସ୍ତ ପଦକ୍ଷେପକୁ ମଧ୍ୟ ବିରୋଧୀଦଳ ଗୁଡ଼ିକ ପକ୍ଷରୁ ସମର୍ଥନ କରାଯିବ ବୋଲି ଶ୍ରୀ ଗାନ୍ଧୀ କହିଛନ୍ତି । ସେହିଭଳି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଜାମ୍ମୁକାଶ୍ମୀରରେ ଶାନ୍ତି ବଜାୟ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ଗଣମାଧ୍ୟମକୁ କହିଛନ୍ତି ।

**V/O (MALLIKARJUN-KHARGE)**

ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି ଜାତୀୟ ସୁରକ୍ଷା ବଜାୟ ରଖିବା ଦିଗରେ ସରକରାଙ୍କ ପକ୍ଷରୁ ନିଆଯାଉଥିବା ସମସ୍ତ ପଦକ୍ଷେପକୁ ତାଙ୍କ ଦଳ ପୂର୍ଣ୍ଣ ସମର୍ଥନ କରିବ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ସଦସ୍ୟଙ୍କ ସମେତ ୧୫ଟି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ । ଏହି

ସନ୍ତ୍ରାସବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ବୈଠକରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ୟୁଏନ୍ ଇଣ୍ଡୋ ପାକ୍

କାଶ୍ମୀରରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ସେଠାକାର ପରିସ୍ଥିତିରେ ଯେଭଳି ଅଧିକ ଅବନତି ନ ହୁଏ ସେ ଦିଗରେ ଯତ୍ନବାନ ହେବାକୁ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଭାରତ ଓ ପାକିସ୍ତାନକୁ ପରାମର୍ଶ ଦେଇଛନ୍ତି । ଗତ ମଙ୍ଗଳବାର ଦିନ ପହଲଗାଓଁଠାରେ ଏହି ଆକ୍ରମଣରେ ୨୬ଜଣ ବ୍ୟକ୍ତିଙ୍କର ହୋଇଥିବା ମୃତ୍ୟୁ ଘଟଣାକୁ ନିନ୍ଦା କରି ମହାସଚିବ ଶ୍ରୀ ଗୁଟେରସଙ୍କର ମୁଖପାତ୍ର ଷ୍ଟିଫାନ୍ ଦୁଜାରିକ୍ ଏହା କହିଛନ୍ତି । ସେ କହିଛନ୍ତି ଜାମ୍ମୁ-କାଶ୍ମୀରରେ ସ୍ଥିତିକୁ ସ୍ୱାଭାବିକ କରିବା ଦିଗରେ ଉଭୟ ଭାରତ ଓ ପାକିସ୍ତାନ ମିଳିତ ପ୍ରୟାସ କରିବା ଉପରେ ମିଳିତ ଜାତିସଂଘ ଗୁରୁତ୍ୱାରୋପ କରିଛି । ଦୁଇଦେଶ ମଧ୍ୟରେ ଥିବା ଯେକୌଣସି ସମସ୍ୟାକୁ ଶାନ୍ତିପୂର୍ଣ୍ଣ ଭାବେ ଆପୋଷ ସମାଧାନ କରାଯିବା ଉଚିତ୍ ବୋଲି ମୁଖପାତ୍ରଜଣକ କହିଛନ୍ତି ।

## ଆର୍ମୀଚିଫ୍ - ଜେକେ ଭିଜିଟ୍

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପହଲଗାଓଁ ସନ୍ତ୍ରାସବାଦ ଆକ୍ରମଣ ପରିପ୍ରେକ୍ଷୀରେ ଆଜି ଜାମ୍ମୁକାଶ୍ମୀର ଗସ୍ତ କରିବେ । ସ୍ଥଳସେନାଧ୍ୟକ୍ଷ ସଂପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବେ । ଏହି ଆକ୍ରମଣ ପରେ ସେନାପକ୍ଷରୁ ଉପତ୍ୟକାରେ ଏବଂ ନିୟନ୍ତ୍ରଣ ରେଖା ନିକଟରେ ନିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଉଚ୍ଚ ସେନା ଅଧିକାରୀମାନେ ସେନାଧ୍ୟକ୍ଷ ଜେନେରାଲ ଦ୍ୱିବେଦୀଙ୍କୁ ଅବଗତ କରାଇବେ ବୋଲି ଜଣାପଡିଛି ।

## ପାକ୍ ଏୟାର ସ୍ପେସ୍

ସନ୍ତ୍ରାସବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଭାରତୀୟ ଏୟାରଲାଇନ୍ସର କୌଣସି ବିମାନକୁ ପାକିସ୍ତାନ ବାୟୁମଣ୍ଡଳ ମଧ୍ୟ ଦେଇ ଉଡାଣ ଉପରେ ପାକିସ୍ତାନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି । ଏହାପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏୟାର ଇଣ୍ଡିଆ କହିଛି ପାକିସ୍ତାନ ପକ୍ଷରୁ ଏଭଳି ଘୋଷଣା କରାଯିବା ଯୋଗୁଁ ଉତ୍ତର ଆମେରିକା, ବ୍ରିଟେନ୍, ୟୁରୋପ କିମ୍ବା ମଧ୍ୟପ୍ରାଚ୍ୟ ଦେଶରୁ ଆସୁଥିବା ଭାରତୀୟ ବିମାନଗୁଡ଼ିକୁ ଗତିପଥ ବଦଳାଇ ସ୍ୱଦେଶ

ଆସିବାକୁ ପଡିବ । ତେବେ ପାକିସ୍ତାନ ପକ୍ଷରୁ ଏଭଳି ହଠାତ୍ ଘୋଷଣା କରାଯିବା ପରେ ଇଣ୍ଡିଗୋ ଏୟାରଲାଇନ୍ସର କେତେକ ଆନ୍ତର୍ଜାତିକ ବିମାନ ଉଡାଣ ବାଧାପ୍ରାପ୍ତ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## କୋର୍ଟ-ତାହାଓ୍ବର ରାଣା

୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାର ଷଡ଼ଯନ୍ତ୍ରକାରୀ ତାହାଓ୍ବର ରାଣା ନିଜ ପରିବାରବର୍ଗଙ୍କ ସହିତ କଥାବାର୍ତ୍ତା କରିବା ସମ୍ପର୍କିତ ଏକ ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଅଗ୍ରାହ୍ୟ କରିଛନ୍ତି । ସ୍ୱତନ୍ତ୍ର ବିଚାରପତି ଚନ୍ଦରଜିତ୍ ସିଂହ ଗତକାଲି ରାଣାର ଆବେଦନର ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ଏହି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ ପକ୍ଷରୁ ରାଣାର ଆବେଦନକୁ ବିରୋଧ କରାଯାଇଥିଲା । ପରିବାର ସଦସ୍ୟଙ୍କ ସହିତ ଦେଖାକରିବା ଲାଗି ଅନୁମତି ଦିଆଗଲେ କେତେକ ଗୁପ୍ତ ତଥ୍ୟ ରାଣା ପକ୍ଷରୁ ପ୍ରଘଟ କରିବାର ଆଶଙ୍କା କରି ଏନ୍.ଆଇ.ଏ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଚଳିତମାସ ୧୧ ତାରିଖରୁ ରାଣାକୁ ଏହି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବାଲାଗି ଏନ୍.ଆଇ.ଏ ପକ୍ଷରୁ ୧୮ଦିନ ଲାଗି ହେପାଜତରେ ନିଆଯାଇଛି ।

# ସିକ୍କିମ-ଲ୍ୟାଣ୍ଡସ୍ଲାଇଡ

ସିକ୍କିମର ଉତ୍ତରାଞ୍ଚଳରେ ଗତକାଲି ରାତିରେ ଭୂ-ସ୍ଖଳନ ହୋଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ଏହି ଭୂ-ସ୍ଖଳନ ହୋଇଛି । ଏଥିସହିତ ସଂପୃକ୍ତ ଅଞ୍ଚଳରେ ପ୍ରତିକୂଳ ପାଗ ଯୋଗୁଁ ଆଜି ଉତ୍ତର ସିକ୍କିମକୁ ଯାତ୍ରା କରିବାକୁ ସମସ୍ତ ପରମିଟ୍‌କୁ ବାତିଲ କରିଦିଆଯାଇଛି ବୋଲି ମାଙ୍ଗନ ଜିଲ୍ଲା ପୁଲିସ ଅଧିକ୍ଷକ ସୋନମ ଦେଚୁ ଭୁଟିଆ କହିଛନ୍ତି ।

# ନେପାଳ ବଜେଟ୍ ସେସନ

ନେପାଳ ସଂସଦର ଗ୍ରୀଷ୍ମ ଅଧିବେଶନ ବା ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏଥିରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଅର୍ଥମନ୍ତ୍ରୀ ବିଷ୍ଣୁପ୍ରସାଦ ପଡେଲ ନୂତନ ଆର୍ଥିକ ବର୍ଷ ଲାଗି ଆସନ୍ତାମାସ ୨୯ ତାରିଖ ଦିନ ବଜେଟ୍ ଉପସ୍ଥାପନ କରିବେ । ଏହି ଅଧିବେଶନ ସମୟରେ ବିଦ୍ୟାଳୟ ଶିକ୍ଷା ବିଧେୟକ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଆଗତ କରିବାର କାର୍ଯ୍ୟସୂଚୀ ରହିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ରାଜସ୍ଥାନ ରୟାଲ୍ସକୁ ୧୧ ରନ୍‌ରେ ପରାସ୍ତ କରିଛି । ଗତ ରାତିରେ ବେଙ୍ଗାଲୁରୁସ୍ଥିତ ଏନ୍ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୦୫ ରନ୍ କରିଥିଲା । ଦଳପକ୍ଷରୁ ବିରାଟ କୋହଲି ସର୍ବାଧିକ ୭୦ ରନ୍ କରିଥିବାବେବେଳ ଦେବଦତ୍ତ ପାଡିକଲ ଅର୍ଦ୍ଧଶତକ ହାସଲ କରିଥିଲେ । ରାଜସ୍ଥାନ ରୟାଲ୍ସ ପକ୍ଷରୁ ସନ୍ଦିପ ଶର୍ମା ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

୨୦୬ ରନ୍‌ର ବିଜୟଲକ୍ଷ ପିଛାକରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ଅଣଚାଶ ରନ୍ କରିଥିବାବେଳେ ଧ୍ରୁବ୍ ଜୁରେଲ ୪୭ ରନ୍ କରିଛନ୍ତି । ବେଙ୍ଗାଲୁରୁ ପକ୍ଷରୁ ଜୋସ୍ ହାଜଲଉଡ୍ ୪ ୱିକେଟ୍ ଅକ୍ତିଆର କରିବା ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଚେନ୍ନାଇର ଏମ୍ ଏମ୍

ଚିଦାମ୍ବରମ ଷ୍ଟାଡିୟମରେ ଏହି ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

## ଯୋଗାସନ ଚାମ୍ପିୟନସିପ୍

ଦ୍ୱିତୀୟ ଏସୀୟ ଯୋଗାସନ ଚାମ୍ପିୟନସିପ୍ ଆଜିଠାରୁ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବ । ଯୋଗାସନ ଭାରତ ଦ୍ୱାରା ଆୟୋଜିତ ଏହି ଚାମ୍ପିୟନସିପ୍ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୧ଟି ଏସୀୟ ଦେଶରୁ ୧୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । କ୍ରୀଡ଼ା କ୍ଷେତ୍ରରେ ଯୋଗାସନକୁ ବିଶ୍ୱସ୍ତରରେ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସରକାରଙ୍କ ପ୍ରଚେଷ୍ଟାର ଅଂଶସ୍ୱରୂପ ଏହି ଚାମ୍ପିୟନସିପ୍ ଆୟୋଜନ କରାଯାଉଛି । ବିଶ୍ୱ ଯୋଗାସନର ସାଧାରଣ ସମ୍ପାଦକ ଡକ୍ଟର ଜୟଦୀପ ଆର୍ଯ୍ୟ କହିଛନ୍ତି ଆନ୍ତର୍ଜାତିକ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହିଁ ଯୋଗକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ବର୍ତ୍ତମାନ ଏହା କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ ମାନ୍ୟତା ପାଇପାରିଛି ।